## ସଂକ୍ଷେପରେ

### କର୍ତ୍ତବ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବସ୍ତା,୨୪।୭(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମଧୁପୁରା ଉପେନ୍ଦ୍ରନାଥ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବେବୀ ଜେନାଙ୍କୁ କର୍ତ୍ତବ୍ୟରେ ଅବହେଳା କରିବା ଏବଂ ଦୀର୍ଘଦିନ ଧରି ଛୁଟିରେ ରହିବା ଅଭିଯୋଗରେ ବିଇଓ ପ୍ରାଚୀ ତନୟା ଗିରି ନିଲମ୍ବିତ କରିଛନ୍ତି । ଏହି ଶିକ୍ଷୟିତ୍ରୀଙ୍କ ବିରୋଧରେ ଗ୍ରାମବାସୀ ତଥା ପରିଚାଳନା କମିଟିର ସଦସ୍ୟମାନେ ଅଭିଯୋଗ କରିଥିଲେ। ଏବିଇଓ ରବିନାରାୟଣ ପଣ୍ଡାଙ୍କ ତଦନ୍ତ ରିପୋର୍ଟ ଆଧାରରେ ଚିଠି ନଂ ୧୪୭୧/୨୦୧୯ରେ ତାଙ୍କୁ ନିଲମ୍ବିତ କରିଥିବା ବିଭାଗୀୟ ସୂତ୍ରରୁ ସୂଚନା ଦିଆଯାଇଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ

ସୋର,୨୪।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମହୁମୁହାଁଣ ପଞ୍ଚାୟତ ପଡୁକପାଳ ଗ୍ରାମର ଜଣେ ମହିଳାଙ୍କ ସମେତ ତାଙ୍କ ବାପାଭାଇଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରାଯାଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ଗ୍ରାମର ଲକ୍ଷ୍ମଣ ପାତ୍ରଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ମହିଳା ଗ୍ରୁପ୍‌ରେ ଟଙ୍କା ଡିପୋଜିଟ୍ କରିବାକୁ ଯାଉ ଥିବାବେଳେ ରାସ୍ତାରେ ଜଣେ ପଡ଼ୋଶୀ ଅନ୍ୟ ସମ୍ପର୍କୀୟଙ୍କ ସହ ମିଶି ସଂଘବଦ୍ଧ ଭାବେ ଲୁହାରଡ଼୍‌ରେ ଆକ୍ରମଣ କରି ୧୦ ହଜାର ଟଙ୍କା ଟଙ୍କା ସହ କାନଫୁଲ ଓ ପିନ୍ଧା ଗହଣା ନେଇ ଯାଇଥିଲେ। ସନ୍ଧ୍ୟାରାଣୀ ଲହୁଲୁହାଣ ହୋଇ ଚିତ୍କାର କରିବାରୁ ତାଙ୍କ ବାପା ଭାଷ୍କର ଜେନା ଓ ଭାଇ ନିରାକାର ପହଞ୍ଚିଥିବାରୁ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ସନ୍ଧ୍ୟାରାଣୀ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

### ଶିକ୍ଷୟିତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରୂପ୍‌ସା,୨୪।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ହୀରାପୁର ନୋଡ଼ାଲ ହାଇସ୍କୁଲର ଶିକ୍ଷୟିତ୍ରୀ ବୀଣାପାଣି ରାଉଳ (୪୮)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନଶିକ୍ଷକ ସୁବଳ ବେହେରାଙ୍କ ପୌରୋହିତ୍ୟରେ ବୁଧବାର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଶିକ୍ଷୟିତ୍ରୀ ରାଉଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସିମୁଳିଆ,୨୪।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ଥାନା ଅବଝୁଣା ଅଞ୍ଚଳରେ ପାଣି ପାଇପ୍ କାମ କରୁଥିବା ରବି ବାସ୍କେ (୪୦) ନାମକ ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ନିକଟବର୍ତ୍ତୀ ଅଘରିଆ ଅଞ୍ଚଳରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବି ସୋର ଅଞ୍ଚଳର ଜଣେ ଠିକାଦାରଙ୍କ ନିକଟରେ ଗତ ୧ମାସ ଧରି ବିଭିନ୍ନ ଶ୍ରମିକଙ୍କୁ ଆଣି ଅବଝୁଣା ଅଞ୍ଚଳରେ ପାଣି ପାଇପ୍ ବିଛାଇବା କାର୍ଯ୍ୟ କରୁଥିଲେ।

### ଦିବ୍ୟାଙ୍ଗଙ୍କ ସମସ୍ୟା ନେଇ ଆଲୋଚନା

ବାହାନଗା,୨୪।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ତହସିଲ କାର୍ଯ୍ୟାଳୟ ନିକଟରେ ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ସେବା ସଂସ୍ଥାର ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗମାନେ କିପରି ପ୍ରମାଣ ପତ୍ର, ଭତ୍ତା, ଆର୍ଥିକ ସହାୟତା ଓ ବସ୍ ପାସ୍ ଆଦି ସୁବିଧା ପାଇପାରିବେ ସେ ବାବଦରେ ଆଲୋଚନା ହୋଇଥିଲା। ବୈଠକରେ ଅଧକ୍ଷତା କରିଥିଲେ ସଂସ୍ଥାର ସଭାପତି ସନାତନ ବେହେରା। ଶେଷରେ ନୂତନ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ‘ଆଗ ଥଇଥାନ, ପରେ ଉଚ୍ଛେଦ’

ବାଲେଶ୍ୱର ଅଫିସ,୨୪।୭

ବାଲେଶ୍ୱର ସହରକୁ ‘ବିୟୁଟି ସିଟି’ରେ ପରିଣତ କରିବା ପାଇଁ ଆରମ୍ଭ ହୋଇଥିବା ମିଶନ୍ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଟ୍ରାଫିକ୍ ଜାମ୍‌ରୁ ସହରକୁ ମୁକ୍ତ କରି ପରିବେଶକୁ ସୁନ୍ଦର କରିବା ଉଦ୍ଦେଶ୍ୟରେ ଗତ ସୋମବାର ଠାରୁ ବିଭିନ୍ନ ସ୍ଥାନରୁ ଜବରଦଖଲ ଏବଂ ହୋର୍ଡିଂ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ତୃତୀୟ ଦିନରେ ଟାଉନ୍‌ଥାନା ଅଧୀନ ଗଡ଼ଗଡ଼ିଆ ଛକ, ଆର୍ତ୍ତକବିରାଜ ରୋଡ୍‌ରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ଓଡ଼ିଶା ପଥବିକ୍ରେତା ସଂଘ ଏହାକୁ ବିରୋଧ କରି ‘ଆଗ ଥଇଥାନ ଓ ପରେ ଉଚ୍ଛେଦ’ କର ବୋଲି ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଗଣସତ୍ୟାଗ୍ରହ ସାଙ୍ଗକୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଉପଜିଲାପାଳ ନୀଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଉଠାଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଅଭିଯୋଗ ଓ ସମସ୍ୟାକୁ ପ୍ରଶାସନ ଅଣଦେଖା କରିବା ଅନୁଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ବୁଧବାର ସହରର ସମସ୍ତ ଉଠାଦୋକାନୀ ବ୍ୟବସାୟ ବନ୍ଦ ରଖି ଗାନ୍ଧୀସ୍ମୃତି ଭବନଠାରେ ଏକତ୍ରିତ ହୋଇଥିଲେ। ସେମାନେ ସେଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସଂଘର ଉପସଭାପତି ଆବିଦ୍ ଖାନ୍‌ଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସଂଘର ସଭାପତି ଜୟନ୍ତ ଦାସ, ବାଲେଶ୍ୱର କ୍ଷୁଦ୍ର ବ୍ୟବସାୟୀ ସଂଘର ସଭାପତି ରଞ୍ଜନ ବାଗ, ଉଠାଦୋକାନୀ ସଂଘ ସମ୍ପାଦକ ମୋହିନୀ ମୋହନ ପରିଡ଼ା, ସହସମ୍ପାଦକ ଅଭିରାମ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ଓଡ଼ିଶାର ଅନ୍ୟତମ ସର୍ବପୁରାତନ ବାଲେଶ୍ୱର ପୌର ପରିଷଦ ଅଧୀନ ସହରର କ୍ରମବିକାଶରେ ପଥପାର୍ଶ୍ୱ ବିକ୍ରେତାଙ୍କ ଅବଦାନ ସର୍ବାଧିକ। ପୌରପରିଷଦରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ଉଠାଦୋକାନୀମାନେ ବଜାର ସୁବିଧା ଯୋଗାଇ ଆସୁଛନ୍ତି। ସରକାରୀ ଭିତ୍ତିଭୂମି ଠାରୁ ଏମାନେ ଯୋଗାଇଥିବା ଭିତ୍ତିଭୂମି ୧୦ଗୁଣ ଅଧିକ। ଦଶନ୍ଧି ଦଶନ୍ଧି ଧରି ଭାରତବର୍ଷର ସହର ବିକାଶ ଯୋଜନା ପ୍ରଣେତାମାନଙ୍କ ପାଇଁ ଏହା ଉଦାହରଣ ସୃଷ୍ଟି କରିଛି। ବାଲେଶ୍ୱରର ପୂର୍ବତନ ଏମ୍‌ପି ଓ ପୂର୍ବତନ ଜିଲାପାଳଙ୍କ ଉଦ୍ୟମରେ କେନ୍ଦ୍ରୀୟ ଆଇନ ଭିତ୍ତିରେ ଟାଉନ୍ ଭେଣ୍ଡିଂ କମିଟି ଗଠନ କରାଯାଇ ୩ଟି ବୈଠକରେ ପଥପାର୍ଶ୍ୱ ବିକ୍ରେତାଙ୍କ ସ୍ୱାର୍ଥରକ୍ଷା ଲାଗି କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରାଯାଇଥିଲା। କିନ୍ତୁ ଏସବୁ ଦିଗ ପ୍ରତି ପୌରପ୍ରଶାସନ ଅଣଦେଖା କରି ଏବେ ବେଆଇନ ଭାବେ ଉଚ୍ଛେଦ କାର୍ଯ୍ୟ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ବେଆଇନ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରି ଉଚ୍ଛେଦପ୍ରାପ୍ତ ସମସ୍ତ ପଥପାର୍ଶ୍ୱ ବିକ୍ରେତାଙ୍କୁ ଯୁଦ୍ଧକାଳୀନଭିତ୍ତିରେ ଥଇଥାନ କରିବାଲାଗି ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଭାରେ ଦୃଢ଼ଦାବି ଉପସ୍ଥାପନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ଏହି ବିକ୍ଷୋଭ ପ୍ରଦର୍ଶନ ଲାଗି ଜିଲାପ୍ରଶାସନ ଡାକବାଜି ଯନ୍ତ୍ର ବ୍ୟବହାର ସକାଶେ ଅନୁମତି ଦେଇ ନ ଥିଲେ । ଏହା ସତ୍ତ୍ୱେ ହଜାର ହଜାର ଉଠାଦୋକାନୀ ପ୍ରତିବାଦ ଗଣସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ। ସତ୍ୟାଗ୍ରହ ପରେ ୭ଜଣିଆ ପ୍ରତିନିଧିଦଳ ଉପଜିଲାପାଳଙ୍କ ଠାରେ ଦାବିପତ୍ର ଉପସ୍ଥାପନ କରିଥିଲେ। ଜିଲାପାଳ ପରବର୍ତ୍ତୀ ନିର୍ଦ୍ଦେଶ ନ ଦେବା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ଲାଗି ଉପଜିଲାପାଳ କୌଣସି ନିର୍ଦ୍ଦେଶ ଦେଇ ପାରିବେ ନାହିଁ ବୋଲି ପ୍ରକାଶ କରି ଜିଲାପାଳ ଫେରିବା ପରେ ତାଙ୍କ ସହ ସଂଘ ପ୍ରତିନିଧିଙ୍କ ସାକ୍ଷାତ ଆଲୋଚନା କରାଇବାକୁ ଦାୟିତ୍ୱ ନେଇଥିଲେ। ଉଚ୍ଛେଦ ବନ୍ଦ ନ ହେଲେ ସମସ୍ତ ଉଠାଦୋକାନୀ ୧୫ଦିନ ମଧ୍ୟରେ ‘ବାଲେଶ୍ୱର ବନ୍ଦ’ ଡାକରା ଦେବା ଭଳି ଚରମ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଥିଲେ।



ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ମିଶନ ‘ବିୟୁଟି ସିଟି’କୁ ଓଡ଼ିଶା ପଥବିକ୍ରେତା ସଂଘର ବିରୋଧ
- ଶୋଭାଯାତ୍ରାରେ ସହର ପରିକ୍ରମା, ପ୍ରତିବାଦ ସଭା
- ପ୍ରଶାସନକୁ ଦିଆଗଲା ଦାବିପତ୍ର
- ସଂଘ ଦାବିକୁ ଅଣଦେଖା କଲେ ଆନ୍ଦୋଳନ ଚେତାବନୀ

ଇଣ୍ଟିଗ୍ରେଟେଡ୍ ବିଏଡ୍, ଏମ୍‌ଏଡ୍ ପାସ୍ ପ୍ରମାଣପତ୍ରକୁ ଅଣଦେଖା

# ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ବାଲେଶ୍ୱର ଅଫିସ,୨୪।୭

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍‌ରେ ଇଣ୍ଟିଗ୍ରେଟେଡ୍ ବିଏଡ୍, ଏମ୍‌ଏଡ୍ ଯୋଗ୍ୟତା ହାସଲ କରିଥିବା ୧୫୦ ଛାତ୍ରୀଛାତ୍ର ଓଟିଇଟି, ସିଟିଇଟି, ଓଏସ୍‌ଏସ୍‌ଟିଇଟି, ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକତା ପାଇଁ ଫର୍ମ ପକାଇବାକୁ ଅସମର୍ଥ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟାର କୌଣସି ପ୍ରତିକାର ହେଉ ନ ଥିବାରୁ ଏହର ପ୍ରତିବାଦର ସେମାନେ ବୁଧବାର ପୂର୍ବାହ୍ନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ବିକ୍ଷୋଭପ୍ରଦର୍ଶନକାରୀ ଅଭିଯୋଗ କରିଛନ୍ତି ଯେ, ସେମାନେ ଭବିଷ୍ୟତରେ ଶିକ୍ଷକତା ବୃତ୍ତି ଆଦରିବା ଆଶା ରଖି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରି ଇଣ୍ଟିଗ୍ରେଟେଡ୍ ବି.ଏଡ୍, ଏମ୍.ଏଡ୍, ପ୍ରମାଣପତ୍ର ପାଉଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଓଟିଇଟି, ସିଟିଇଟି, ଓଏସ୍‌ଏସ୍‌ଟିଇଟି, ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକତା ଲାଗି ଫର୍ମ ପକେଇବା ସକାଶେ ଯୋଗ୍ୟ ବିବେଚନା କରାଯାଉ ନାହିଁ। ଏହାର କାରଣ ବୁଝିବାକୁ ଛାତ୍ରୀଛାତ୍ର ସମର୍ଥ ହୋଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ନେଇ ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ସେମାନେ ଅଭିଯୋଗ କରି ସମସ୍ୟାର ଆଶୁ ସମାଧାନ ଲାଗି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଘେରାଉ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହି ଛାତ୍ରୀଛାତ୍ରଙ୍କ ଦାବିକୁ ସମର୍ଥନ ଜଣାଇ ସହଯୋଗ କରୁଥିବା ସୂଚନା ମିଳିଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଛାତ୍ରୀଛାତ୍ର ଆଗାମୀ ଦିନରେ ନାମାଙ୍କନ ଦାଖଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୫ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ନ ହେଲେ ଧାରଣାରେ ବସିବେ ମହିଳା

ସିମୁଳିଆ,୨୪।୭(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗର ‘ସୌଭାଗ୍ୟ ଯୋଜନା’ରେ ପାତର ଅନ୍ତର ନୀତି ଗ୍ରହଣ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣାରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତର ୬ନମ୍ବର ୱାର୍ଡ ଅଧୀନ ବାଲିକଣା ଆଦିବାସୀସାହିକୁ ବିଦ୍ୟୁତୀକରଣ କରା ନ ଯିବା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ୨୧ଜଣ ମହିଳା ବିଭାଗୀୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ବିଧାୟକ, ଆଦିବାସୀ କଲ୍ୟାଣ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇବା ସହ ଜିଲାପାଳ ଓ ଥାନା ଅଧିକାରୀଙ୍କୁ ମଧ ଲିଖିତ ଭାବେ ଜଣାଇଛନ୍ତି। ଆସନ୍ତା ୫ତାରିଖ ମଧ୍ୟରେ ବାଲିକଣା ଆଦିବାସୀ ସାହିକୁ ବିଦ୍ୟୁତ୍ ସଂଯୋଗ ଦିଆ ନ ଗଲେ ମହିଳାମାନେ ସିମୁଳିଆ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସରସ୍ୱତୀ ସିଂ, ମାତି ଟୁଡୁ, ଶାନ୍ତିଲତା ବାରିକ, ସୀତା ସିଂ, ଶୁକ ସିଂ ପ୍ରମୁଖ ମହିଳା କହିଥିଲେଏ ଗତ ୬ ମାସ ହେଲା କେତେକ ବ୍ୟକ୍ତିଙ୍କ ଘରକୁ ତାର ଟଣାଯାଇ ଘର ଓ୍ୱାରିଂ ସରିଥିଲେ ମଧ ବିଭାଗ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ଦେଉ ନାହାନ୍ତି। ଏଥିଲାଗି ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଉଛନ୍ତି। ଏ ପରିକି ଦଳୀୟ ରାଜନୀତି ଏଥିରେ ଅନ୍ତରାୟ ସାଜୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ଉପଭୋକ୍ତାଙ୍କ ସଂଖ୍ୟା ଦୃଷ୍ଟିରୁ ଲଗାଯାଇଥିବା ଟ୍ରାନ୍ସଫର୍ମର ଉପରେ ଓଭର ଲୋଡ ପଡିବ ବୋଲି ସ୍ଥାନୀୟ ଲୋକେ ଦର୍ଶାଇ ପରେ ଏଥିଲାଗି ଅନ୍ୟ ଏକ ଟ୍ରାନ୍ସଫର୍ମର ଆଣିବା ବ୍ୟବସ୍ଥା କରାଯାଉଛି। ଏହା ଆସିବା ପରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେ କହିଥିଲେ।

# ଅବସରପ୍ରାପ୍ତ ଇଞ୍ଜିନିୟର୍ସ ସଂଘ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର ଅଫିସ,୨୪।୭

ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବୁଧବାର ପୂର୍ବାହ୍ନ ସମୟରେ ପାଛୁଡ଼ିଆ ସ୍ଥିତ ଏକ ଘରୋଇ ଯୁକ୍ତ ୨ ଆବାସିକ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘର ପୃଷ୍ଠପୋଷକ ଇଂ. ଶାରଦା ପ୍ରସାଦ ମହାନ୍ତି, ସଭାପତି ଇଂ. ବିପିନ ବିହାରୀ ନାୟକ, ସାଧାରଣ ସମ୍ପାଦକ ଇଂ. ବାମଦେବ ତ୍ରିପାଠୀ, ମଳୟ ରାଜ ବିଶ୍ୱାଳ, ବାଲେଶ୍ୱର ଇଞ୍ଜିନିୟର ଫୋରମ୍‌ର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ପ୍ରଥମେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ବାଲେଶ୍ୱର ସଭାପତି ଇଂ. ଅମ୍ବିକା ପ୍ରସାଦ ଗିରି, ସମ୍ପାଦକ ଇଂ. ସରୋଜ କୁମାର ଚାନ୍ଦ, ଇଂ. ଶଶାଙ୍କ ଶେଖର ଦେ, ଇଂ. ଶିବ ପ୍ରସାଦ ବେହେରା, ଇଂ. ବନମାଳୀ ନାୟକ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ନରନାରାୟଣ ପାଣିଗ୍ରାହୀ, ଗଛ ଲଗାଇଥିଲେ। ଇଂ. ଶ୍ରୀରାମ ପ୍ରସାଦ ଦାଶ, ଇଂ. ଡମ୍ବରୁ ଧର ପ୍ରଧାନ, ମହାବିଦ୍ୟାଳୟର ନିର୍ଦ୍ଦେଶକ ମୌସମ ସିଂହ, ଚେୟାରମ୍ୟାନ୍ ଇଂ. କବିର ମଡୁଆଳ, ସମ୍ପାଦକ ସୁମନ୍ତ କୁମାର ସାହୁ ପ୍ରମୁଖ ଗଛ ଲଗାଇ ଏହାର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବିକ୍ଷୋଭ



ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ଧାରଣା।

ବାଲେଶ୍ୱର ଅଫିସ,୨୪।୭

ରାଜ୍ୟରେ ଶିଶୁ, ନାବାଳିକା, ନାରୀ ନିର୍ଯାତନା ସାଙ୍ଗକୁ ବଳାତ୍କାର, ଗଣବଳାତ୍କାର, ଅପହରଣ, ନିଖୋଜ ଘଟଣା ବୃଦ୍ଧି ପାଉଥିବାରୁ ଏହା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ସୂଚାଉଛି। ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ଗଣଧାରଣା ଦିଆଯାଇଥିଲା। ପିସିସିର ସାଧାରଣ ସମ୍ପାଦକ ସଞ୍ଜୁ ଗିରିଙ୍କ ନେତୃତ୍ୱରେ ଏହି ବିକ୍ଷୋଭପ୍ରଦର୍ଶନ କରାଯିବା ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯାଇଥିଲା। ଦୀର୍ଘ ୧୯ବର୍ଷ ଧରି କ୍ରମାଗତ ଭାବରେ ରାଜ୍ୟକୁ ଶାସନ କରୁଥିବା ବିଜୁ ଜନତା ଦଳ ସରକାରରେ ଆଇନ ଶୃଙ୍ଖଳା ପରିସ୍ଥିତି ଅନିୟନ୍ତ୍ରିତ ହେବା ଦୁର୍ଭାଗ୍ୟଜନକ ଘଟଣା। ଏବେ ପ୍ରତିଦିନ ରାଜ୍ୟରେ ପ୍ରାୟ ୬ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୨୦୧୭-୧୮ ବର୍ଷରେ ୨୨୦୦ ଜଣ ବଳାତ୍କାରରେ ଶିକାର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦୦ରେ ପହଞ୍ଚିଲାଣି। ଏହାଛଡା ୫୦୨ଜଣ ଶିଶୁ ନିଖୋଜ ଥିବା ବେଳେ ସେଥିରୁ ୪୨୩ଜଣଙ୍କୁ ଖୋଜି ନ ପାଇବା ପୋଲିସ ବିଭାଗର ଅପାରଗତା ପ୍ରମାଣ କରୁଛି। ମା’କୁ ସମ୍ମାନ ଦେବାର ନାରା ଦେଉଥିବା ସରକାର କିପରି କାର୍ଯ୍ୟ କରୁଛି, ତାହା ଏଥିରୁ ପ୍ରତିପାଦିତ ହେଉଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଆଇନ ଶୃଙ୍ଖଳା ସ୍ଥିତିର ପ୍ରତିକାର ଲାଗି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ଡାକରା ଦେବାକୁ କଂଗ୍ରେସ ବାଧ ହେବ ବୋଲି ପିସିସି ସାଧାରଣ ସମ୍ପାଦକ ଗିରି ଚେତାବନୀ ଦେଇଥିଲେ। ଜିଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ସତ୍ୟ ନାରାୟଣ ମହାନ୍ତି, ଟାଉନ୍ କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କା, ଜିଲା ମିଡ଼ିଆ କୋଅର୍ଡିନେଟର ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ‘ନିଶା ବିରୋଧୀ ଅଭିଯାନରେ ଛାତ୍ରୀଛାତ୍ର ଭାଗ ନେଲେ କ୍ରାନ୍ତି ଆସିବ’


ନିଶା ବିରୋଧୀ ସଚେତନତା ଶିବିରରେ ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ,୨୪।୭

‘ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ’ (ମୋନା) ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ବୁଧବାର ‘ନିଶା ବିରୋଧୀ ସଚେତନତା ଶିବିର’ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ ପରେ ମୋନାର ଉପଦେଷ୍ଟା ସୁବ୍ରତ କର ଛାତ୍ରୀଛାତ୍ରଙ୍କୁ ନିଶାର ଅପକାରିତା ସମ୍ପର୍କରେ ବୁଝାଇ ନିଶା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ପ୍ରଦାନ କରିଥିଲେ।

‘ଫକୀରମୋହନ ସାହିତ୍ୟ ପରିଷଦ’ର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବରଣୀ ଅନୁସାରେ ଭାରତ ୩୮% ନିଶାସକ୍ତ ଥିବା ବେଳେ ୨୦୨୪ ବେଳକୁ ଏହା ୭୦%କୁ ବୃଦ୍ଧି ପାଇ ଚାଇନା ଓ ଆମେରିକାକୁ ଟପିଯିବାର ଆଶଙ୍କା କରାଯାଉଛି। ନିଶା ସେବନ କୁପରିଣାମ ସମ୍ପର୍କରେ ଛାତ୍ରୀଛାତ୍ର ସଚେତନ ରହି ନିଶା ବିରୋଧରେ କାର୍ଯ୍ୟ କରିବାକୁ ଶପଥ ନେବା ସକାଶେ ଆହ୍ୱାନ ଦେଇଥିଲେ। ନିଶା ବିରୋଧୀ ଅଭିଯାନରେ ଛାତ୍ରୀଛାତ୍ର ସାମିଲ ହେଲେ ଏଥିରେ କ୍ରାନ୍ତି ଆସିପାରିବ ବୋଲି ସେ କହିଥିଲେ। କୋଷାଧକ୍ଷ ଡ. କ୍ଷିତୀଶ୍ୱର ଦାଶ, ହେମଲତା ଦାସ, ଅଧାପକ କମଳାକାନ୍ତ ଦାଶ, ପ୍ରଫେସର ଜଗନ୍ନାଥ ରକ୍ଷିତ, ଟାଉନ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା, ଶିକ୍ଷକ ଅକ୍ଷୟ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ଦାସଙ୍କ ସମେତ ଛାତ୍ରୀ ପାରସ୍ ଖାନ୍, ଶାଶ୍ୱତୀ ସାହୁ ଓ ଛାତ୍ର ଦୀପଙ୍କର ନନ୍ଦୀ ପ୍ରମୁଖ ନିଶା ବିରୋଧରେ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରୁଡ଼ି ବେଳେ ଉଠା ସେଚ ପଏଣ୍ଟ ଅଚଳ

ଖଇରା,୨୪।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଢୁଙ୍ଗୁରା ପଞ୍ଚାୟତ ଅଧୀନ ବାରଭାଗିଆ ଗ୍ରାମରେ ଥିବା ୨ଟି ଉଠା ସେଚପଏଣ୍ଟ ଅକାମୀ ହୋଇ ପଡିଛି। ଅନାବୃଷ୍ଟି ସମୟରେ ସେଚ ପଏଣ୍ଟ ଅଚଳ ହେବାରୁ ଶତାଧିକ ଚାଷୀଙ୍କ ଚିନ୍ତା ବଢି ଯାଇଛି। ବିଭାଗୀୟ ଅଧିକାରୀ ସ୍ଥିତି ଅନୁଧ୍ୟାନ କରି ସେଚ ପ୍ରକଳ୍ପ କାର୍ଯ୍ୟକ୍ଷମ ନ କଲେ ଚାଷୀମାନେ ଆମରଣ ଅନଶନ କରିବାକୁ ବାଧ ହେବେ ବୋଲି ପ୍ରହ୍ଲାଦ ଦାସ, ଅନନ୍ତ ଜେନା, ମଳୟ କୁମାର ଦାସ, ଗଣେଶ ପ୍ରସାଦ ଦାସ, ଶଙ୍କର୍ଷଣ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ୧୯୯୯ରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବାରଭାଗିଆ-୨ ପ୍ରକଳ୍ପ ବିଦ୍ୟୁତ୍ ଜନିତ ତ୍ରୁଟି ଯୋଗୁ ଅକାମୀ ହୋଇ ରହିଛି। ଏହାକୁ ବିଭାଗ ପକ୍ଷରୁ ସଜଡା ଯାଉ ନାହିଁ । ସାମାନ୍ୟ ମରାମତି କାମ କରାଯାଇପାରିଲେ ୫୦ଏକରରୁ ଅଧିକ ଚାଷ ଜମିକୁ ଜଳ ମାଡି ପାରନ୍ତା। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୂର୍ବତନ ସରପଞ୍ଚ କ୍ଷେତ୍ରମୋହନ ଖଟୁଆ କହିଛନ୍ତି। ସେହିପରି ନବନିର୍ମିତ ବାରଭାଗିଆ-୧ ଉଠଜଳସେଚନ ପ୍ରକଳ୍ପରୁ ୪୦ଏକର ଚାଷ ଜମିକୁ ପାଣି ମାଡିବାର ବ୍ୟବସ୍ଥା ହୋଇଛି। ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସକାଶେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଛି। ଉଠା ଜଳସେଚନ ନିଗମ ବିଭାଗରୁ ଚିଠି ମିଳିବା ମାତ୍ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ଚାର୍ଜ କରାଯିବ। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ଏହି ପ୍ରକଳ୍ପ ସଂଲଗ୍ନ ଚାଷଜମି ଶୁଖି ଫାଟିବା ଆରମ୍ଭ କଲାଣି। ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରା ନ ଗଲେ ପ୍ରକଳ୍ପ ଥାଇ ମଧ ଚାଷୀ ମରଡ଼ି ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି ଚାଷୀ ଗୟାଧର ଦାସ ଓ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଉଠା ଜଳସେଚନ ସୋର ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଦେଙ୍କୁ ପଚାରିବାରୁ ବାରଭାଗିଆର ନୂତନ ପ୍ରକଳ୍ପ କିଭଳି ଶୀଘ୍ର କାର୍ଯ୍ୟକ୍ଷମ ହେବ ସେଥିପାଇଁ ଧ୍ୟାନ ଦିଆଯାଉଛି । ପୁରୁଣା ପ୍ରକଳ୍ପ ମରାମତି କାମ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ପାଣି ପଞ୍ଚାୟତ ଅଧୀନରେ ଥିବା ଏହି ଏହି ପ୍ରକଳ୍ପରେ କେତେକ କାର୍ଯ୍ୟ ବାକି ରହିଛି ଏବଂ ଶେଷ ହେବାକୁ ୨ରୁ ୩ଦିନ ଲାଗିବା ବୋଲି କୁହାଯାଉଛି। କିନ୍ତୁ ସମ୍ଭାବ୍ୟ ମରୁଡି ପରିସ୍ଥିତିରେ ପ୍ରଶାସନିକ ତତ୍ପରତାର ଅଭାବ ଚାଷୀଙ୍କୁ ନିରାଶ କରିଛି। ଏହି ବ୍ଲକରେ ମୋଟ ୪୪ଟି ଉଠାସେଚ ପ୍ରକଳ୍ପ ଥିବା ବେଳେ ସେଥିରୁ ୨୪ଟି ଅଚଳ ଥିବା ଜଣାପଡିଛି।



ପ୍ରକଳ୍ପ ଅବ୍ୟବହୃତ ହୋଇ ରହିଛି।

- ପ୍ରକଳ୍ପ ମରାମତି ଓ କାର୍ଯ୍ୟକ୍ଷମ କରିବାରେ ପ୍ରଶାସନିକ ଅବହେଳା
- ବାରମ୍ବାର ଅଭିଯୋଗ କରି ଶତାଧିକ ଚାଷୀ ହତାଶ
- ଆମରଣ ଅନଶନରେ ବସିବାକୁ ଚେତାବନୀ

